# NATIONAL NEWS BULLETIN (ODIA)

## 21 November - 2024

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ହାଇଦ୍ରାବାଦରେ ଆଜି କୋଟିଦୀପୋତ୍ସବମ୍-୨୦୨୪ କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଗୁଆନାଠାରେ ଚାଲିଥିବା ଦ୍ୱିତୀୟ ଭାରତ-କାରିକମ୍ ଶିଖର ସମ୍ମିଳନୀ ଅବସରରେ ବିଭିନ୍ନ ଦେଶର ନେତୃବୃନ୍ଦଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।
- ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ଆସନ୍ତା ୨୪ ତାରିଖରେ ବସିବ ସର୍ବଦଳୀୟ ବୈଠକ ।
- ଏକାଦଶ ଆସିଆନ ପ୍ରତିରକ୍ଷାମନ୍ତ୍ରୀଙ୍କ ବୈଠକରେ ଯୋଗଦେଲେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ।

ଏବଂ

- ଇଣ୍ଡୋନେସିଆରେ ଭୂ-ସ୍ଖଳନ ଯୋଗୁଁ ୪ ମୃତ ।

## ପ୍ରେସିଡେଣ୍ଟ-ତେଲଙ୍ଗାନା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜ ଦୁଇଦିନିଆ ତେଲଙ୍ଗାନା ଗସ୍ତରେ ଯିବେ। ହାଇଦ୍ରାବାଦ୍‌ଠାରେ ଆୟୋଜିତ ‘କୋଟିଦୀପୋତ୍ସବମ୍-୨୦୨୪’ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେବେ। ଆସନ୍ତାକାଲି ହାଇଦ୍ରାବାଦ୍‌ଠାରେ ଆୟୋଜିତ ହେବାକୁ ଥିବା ଲୋକ ମନ୍ଥନ-୨୦୨୪ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହକୁ ରାଷ୍ଟ୍ରପତି ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି।

## ପିଏମ୍ ବାଇଲେଟରାଲ

ଗୁଆନାରେ ଚାଲିଥିବା ଦ୍ୱିତୀୟ ଭାରତ କାରିକମ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ରାତିରେ ଡୋମିନିକା ପ୍ରତିପକ୍ଷ ରୁଜଭେଲ୍ଟ କେରିଟଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଡୋମିନିକାର ସର୍ବୋଚ୍ଚ ପୁରସ୍କାର ପ୍ରଦାନ ପାଇଁ ଶ୍ରୀ ମୋଦୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଜଳବାୟୁ ସ୍ଥିରତା, ସ୍ୱାସ୍ଥ୍ୟସେବା, ଦକ୍ଷତା ବୃଦ୍ଧି ଏବଂ ଉଭୟ ଦେଶର ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ଦୃଢ଼ କରିବା ନିମନ୍ତେ ବିଭିନ୍ନ ଉପାୟ ସମ୍ପର୍କରେ ଉଭୟ ନେତା ଆଲୋଚନା କରିଛନ୍ତି ।

ଜାତିସଂଘରେ ସହଯୋଗ ନେଇ ମଧ୍ଯ ଆଲୋଚନା ହୋଇଥିବା ଜଣାପଡିଛି ।

ଭାରତ-କାରିକମ୍ ଶିଖର ସମ୍ମିଳନୀ ଅବସରରେ ଶ୍ରୀ ମୋଦୀ ସୁରିନାମ ରାଷ୍ଟ୍ରପତି ଚନ୍ଦ୍ରିକା ପ୍ରସାଦ ଚାନ ସନ୍ତୋଖିଙ୍କ ସହ ମଧ୍ଯ ବୈଠକ କରିଥିଲେ । ଉଭୟ ନେତା ଭାରତ-ସୁରିନାମ ଅର୍ଥନୈତିକ ଭାଗିଦାରୀର ସମୀକ୍ଷା କରିବା ସହ ଉଭୟ ଦେଶ ମଧ୍ୟରେ ସହଯୋଗ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରତିରକ୍ଷା ଓ ନିରାପତ୍ତା, ବାଣିଜ୍ୟ ଓ କୃଷି, ୟୁପିଆଇ, ସ୍ୱାସ୍ଥ୍ୟସେବା, ଡିଜିଟାଲ ପଦକ୍ଷେପ, ଔଷଧ, ମାନବ ସମ୍ବଳ ବିକାଶ ଆଦି ପ୍ରସଙ୍ଗ ଉପରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନିମନ୍ତେ ଉଭୟପକ୍ଷ ସମ୍ମତି ପ୍ରକାଶ କରିଥିଲେ ।

ଗୁଆନାଠାରେ ଦ୍ୱିତୀୟ ଭାରତ କାରିକମ ଶିଖର ସମ୍ମିଳନୀ ଅବସରରେ ଶ୍ରୀ ମୋଦୀ ତ୍ରିନିଦାଦ ଏବଂ ଟୋବାଗୋର ପ୍ରଧାନମନ୍ତ୍ରୀ ଡକ୍ଟର କିଥ୍ ରାଓଲିଙ୍କୁ ସାକ୍ଷାତ୍ କରିଥିଲେ । ଭାରତର ପ୍ରମୁଖ ୟୁପିଆଇ ପ୍ଲାଟଫର୍ମକୁ ଗ୍ରହଣ କରିଥିବାରୁ ଶ୍ରୀ ମୋଦୀ ଡକ୍ଟର ରାଓଲିଙ୍କୁ ଅଭିନନ୍ଦନ ଜଣାଇଥିଲେ । ଉଭୟ ଦେଶ ମଧ୍ୟରେ ଡିଜିଟାଲ ପରିବର୍ତ୍ତନ, ସ୍ୱାସ୍ଥ୍ୟସେବା, ପ୍ରତିରକ୍ଷା, ସାମୁଦ୍ରିକ ନିରାପତ୍ତା ଓ ପରିବହନ ଏବଂ ସାଂସ୍କୃତିକ ଆଦାନପ୍ରଦାନକୁ ଆହୁରି ଦୃଢ଼ କରିବା ଲାଗି ଉଭୟ ନେତା ଆଲୋଚନା କରିଥିଲେ । ତ୍ରିନିଦାଦ ଏବଂ ଟୋବାଗୋରେ ସମନ୍ୱିତ

ସ୍ୱୟଂଚାଳିତ ଫଳ ଏବଂ ପନିପରିବା ପ୍ରାଥମିକ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ପାଇଁ ଉଭୟ ଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ବୈଠକ କାଳରେ ପ୍ରଧାନମନ୍ତ୍ରୀ ବାହାମା ପ୍ରତିପକ୍ଷ ଫିଲିପ ବ୍ରେଭ ଡେଭିସଙ୍କ ସହ ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରି ଭାରତର 'ଏକ୍ ପେଡ୍ ମାଁ କେ ନାମ' ଅଭିଯାନ ସମ୍ପର୍କରେ ମତ ବିନିମୟ କରିଥିଲେ । ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାର୍ବାଡୋସର ତାଙ୍କ ପ୍ରତିପକ୍ଷ ମିଆଁ ଆମୋର ମୋଟଲିଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନିମନ୍ତେ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିବା ଲାଗି ଆଲୋଚନା କରିଥିଲେ । ବୈଠକରେ ବାର୍ବାଡୋସ ପ୍ରଧାନମନ୍ତ୍ରୀ କୋଭିଡ ମହାମାରୀ ସମୟରେ ଭାରତର ସହାୟତା ପ୍ରଦାନକୁ ପ୍ରଶଂସା କରିଥିଲେ । ତାଙ୍କ ଦେଶ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମ୍ମାନଜନକ ଅର୍ଡର ଅଫ୍, ଫ୍ରିଡମ ଅଫ୍ ବାର୍ବାଡୋସ ପୁରସ୍କାର ପ୍ରଦାନ କରିବା ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରାଯାଇଥିଲା । ଚଳିତମାସ ୩୦ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କ ଦେଶ ଏହି ସମ୍ମାନ ପ୍ରଦାନ କରିବ ।

ଜର୍ଜଟାଉନ୍‌ରେ ଚାଲିଥିବା ଦ୍ୱିତୀୟ ଭାରତ-କାରିକମ୍ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଗ୍ରେନେଡିଆନ ପ୍ରତିପକ୍ଷ ଡିକନ ମିଶେଲଙ୍କ ସହ ସାକ୍ଷାତ୍ କରି ଏହି ଶିଖର ସମ୍ମିଳନୀକୁ ସଫଳତାର

ସହ ଆୟୋଜନ କରିଥିବାରୁ ଅଭିନନ୍ଦନ ଜଣାଇଥିଲେ । ଉଭୟଦେଶ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଖାଦ୍ୟନିରାପତ୍ତା, କ୍ରିକେଟ, ଦକ୍ଷତା ବୃଦ୍ଧି ଏବଂ ନିରନ୍ତର ବିକାଶ କ୍ଷେତ୍ରରେ ସହଯୋଗ ବିଷୟ ଆଲୋଚନା ହୋଇଥିଲା ।

ଶ୍ରୀ ମୋଦୀ ଆଣ୍ଟିଗୁଆ ଏବଂ ବାରବୁଡାର ପ୍ରଧାନମନ୍ତ୍ରୀ ଗାଷ୍ଟନ ବ୍ରାଉନଙ୍କ ସହ ବାଣିଜ୍ୟ ଏବଂ ପୁଞ୍ଜିନିବେଶ ତଥା ଦକ୍ଷତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଉପରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ଆଲୋଚନା ହୋଇଥିଲା । ଶ୍ରୀ ବ୍ରାଉନ୍ ଜାତିସଂଘ ନିରାପତ୍ତା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ପାଇଁ ସମର୍ଥନ ଘୋଷଣା କରିଥିଲେ ।

ଅନ୍ୟପକ୍ଷରେ ଶ୍ରୀ ମୋଦୀ ସେଣ୍ଟ ଲୁସିଆ ଫିଲିପ ଜେପିୟରଙ୍କ ସହ ସାକ୍ଷାତ୍ ଆଲୋଚନା କରି ଦକ୍ଷତା ବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରିକେଟ ଏବଂ ଯୋଗ କ୍ଷେତ୍ରରେ ଆଲୋଚନା କରିଥିଲେ ।

# ଅଲ୍ ପାର୍ଟି ମିଟିଂ

ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ଆସନ୍ତା ୨୪ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ସରକାରଙ୍କ ପକ୍ଷରୁ ଆହୂତ ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରିବେ। ଆଗାମୀ

ଶୀତକାଳୀନ ଅଧିବେଶନକୁ ସୁରୁଖୁରରେ ସମ୍ପାଦନା କରିବା ପାଇଁ ସରକାର ଅନ୍ୟ ରାଜନୈତିକ ଦଳଗୁଡ଼ିକର ସମର୍ଥନ ଲୋଡ଼ିବା ଲକ୍ଷ୍ୟରେ ଏହି ବୈଠକ ଡକାଯାଇଛି। ସୂଚନାଯୋଗ୍ୟ, ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତା ୨୫ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଦିବସ ପାଳନ ପାଇଁ ସଂସଦ ଅଧିବେଶନ ଅନୁଷ୍ଠିତ ହେବ ନାହିଁ ବୋଲି ଜଣାପଡ଼ିଛି।

## ଇଣ୍ଡିଆ-କାନାଡା

ଶିଖ ବିଚ୍ଛିନ୍ନତାବାଦୀ ହରଦୀପ ସିଂହ ନିଜାରକୁ ହତ୍ୟା ଷଡ଼ଯନ୍ତ୍ର ସମ୍ପର୍କରେ ଭାରତର ପ୍ରଧାନମନ୍ତ୍ରୀ ଅବଗତ ଥିଲେ ବୋଲି କାନାଡାର ଏକ ଗଣମାଧ୍ୟମ ରିପୋର୍ଟକୁ ଭାରତ ଦୃଢ଼ଭାବେ ପ୍ରତ୍ୟାଖାନ କରିଛି । କାନାଡା ଗଣମାଧ୍ୟମରେ ପ୍ରକାଶିତ ଖବର ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ବୈଦେଶିକ ମନ୍ତ୍ରଣାଳୟ ଏଭଳି ଗଣମାଧ୍ୟମ ରିପୋର୍ଟ ଉପରେ କୌଣସି ମନ୍ତବ୍ୟ ଦେଇନଥାଏ; କିନ୍ତୁ

କାନାଡା ସରକାରଙ୍କ ପକ୍ଷରୁ ଏକ ଖବରକାଗଜକୁ ଦିଆଯାଇଥିବା ଏଭଳି ହାସ୍ୟାସ୍ପଦ ବୟାନକୁ ପ୍ରତ୍ୟାଖାନ କରାଯିବା ଉଚିତ ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଏଭଳି ମନ୍ଦ ଉଦ୍ଦେଶ୍ୟ ପୂର୍ବରୁ ଥିବା ସମ୍ପର୍କକୁ ଆହୁରି କ୍ଷତି ପହଞ୍ଚାଇବ ।

## ରାଜନାଥ-ଲାଓସ ଭିଜିଟ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଗତକାଲି ୧୧ତମ ଏସିଆନ ପ୍ରତିରକ୍ଷାମନ୍ତ୍ରୀଙ୍କ ବୈଠକ କାଳରେ ଭିଏଣ୍ଟିଆନ୍‌ରେ  ଚୀନ୍, ଲାଓସ ଏବଂ ମାଲେସିଆର ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ । ଏଥିରେ ଶ୍ରୀ ସିଂହ ଅଞ୍ଚଳିକ ଏବଂ ଅନ୍ତର୍ଜାତୀୟ ନିରାପତ୍ତା ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ତିନିଦିନିଆ ଲାଇସ ଗସ୍ତରେ ଥିବା ଶ୍ରୀ ସିଂହ ଚୀନ୍‌ର ପ୍ରତିରକ୍ଷା ମନ୍ତ୍ରୀ ଆଡମିରାଲ ଡୋଙ୍ଗ ଜୁନ୍‌ଙ୍କ ସହ ସାକ୍ଷାତ୍ ସମୟରେ ଭାରତ-ଚୀନ ସୀମାରେ ଉତ୍ତେଜନା ହ୍ରାସ କରି ଦୁଇଦେଶ ମଧ୍ୟରେ ବିଶ୍ୱାସ ସୃଷ୍ଟି କରାଯାଇପାରିବ ବୋଲି କହିଥିଲେ ।  ୨୦୨୦ ମସିହାରେ ଘଟିଥିବା ଘଟଣାର ଯେଭଳି ପୁନରାବୃତ୍ତି ନହେବ ଏବଂ ଭାରତ-ଚୀନ୍ ସୀମାରେ ଶାନ୍ତି ବଜାୟ ରହିବ, ସେ ନେଇ ଉଭୟ ଦେଶ ସମ୍ମତି ପ୍ରକାଶ କରିଥିଲେ ।

ମାଲେସିଆର ପ୍ରତିରକ୍ଷାମନ୍ତ୍ରୀ ଡାଟୋ ସେରି ମହମ୍ମଦ ଖାଲିଦ ବିନ୍ ନୋରଦିନଙ୍କ ସହ ବୈଠକରେ ନିରାପତ୍ତା ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ ଉଭୟପକ୍ଷ ମଧ୍ୟରେ ସହଯୋଗ ବୃଦ୍ଧି ଲାଗି ଆଲୋଚନା ହୋଇଥିଲା । ସେହିପରି ଲାଓ ପିଡିଆର୍‌ର ପ୍ରତିରକ୍ଷାମନ୍ତ୍ରୀ ଜେନେରାଲ ଚାନ୍‌ସାମୋନ ଚନିଆଲଥଙ୍କୁ ରାଜନାଥ ସିଂହ ଚଳିତବର୍ଷ ଆସିଆନର ଅଧ୍ୟକ୍ଷ ଭାବେ ନେଇଥିବା ନେତୃତ୍ୱ ନିମନ୍ତେ ପ୍ରଶଂସା କରିଥିଲେ ।

## ପ୍ରେଜ୍-ହରେକୃଷ୍ଣ ମହତାବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିବେ । ଏହି ଅବସରରେ ଡକ୍ଟର ମହତାବଙ୍କ ସମ୍ମାନରେ ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ସ୍ମାରକୀ ଡାକଟିକଟ ଓ ମୁଦ୍ରା ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି ।

ଡକ୍ଟର ହରେକୃଷ୍ଣ ମହତାବ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଓଡ଼ିଶାର ଆଗରପଡାରେ ଜନ୍ମଗ୍ରହଣ କରିଥିଲେ । ଭାରତୀୟ ଇତିହାସରେ ଡକ୍ଟର ମହତାବ ଜଣେ ସ୍ୱାଧୀନତା ସଂଗ୍ରାମୀ, ରାଜନେତା, ଐତିହାସିକ, ଲେଖକ, ସମାଜ ସଂସ୍କାରକ ଏବଂ ସାମ୍ବାଦିକ ଭାବେ ପରିଚିତ ଥିଲେ ।

ଡକ୍ଟର ମହତାବ ତାଙ୍କ ଦୃଢ଼ ଇଚ୍ଛାଶକ୍ତି, ସଂକଳ୍ପ ଓ ରାଜନୈତିକ ପ୍ରଭାବ ପାଇଁ ରାଜ୍ୟର ଅନ୍ୟତମ ଅଗ୍ରଣୀ ନେତା ଭାବେ ଖ୍ୟାତି ଅର୍ଜନ କରିଛନ୍ତି ।

## ବିଧାନସଭା ନିର୍ବାଚନ

ଝାଡ଼ଖଣ୍ଡର ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ରର ଏକକ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ଗତକାଲି ମତଦାନ ଶେଷ ହୋଇଛି । ଏଥିସହ ମହାରାଷ୍ଟ୍ରର ନାନ୍ଦେଡ଼ ଲୋକସଭା ଆସନ ଏବଂ ଚାରୋଟି ରାଜ୍ୟର ୧୫ଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଛି ।

ଝାଡ଼ଖଣ୍ଡରେ ୧୨ଟି ଜିଲ୍ଲାର ୩୮ଟି ବିଧାନସଭା ଆସନ ପାଇଁ ମୋଟ୍ ୫୨୮ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି । ଗତକାଲି ଅପରାହ୍ନ ସୁଦ୍ଧା ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ, ଝାଡ଼ଖଣ୍ଡରେ ୬୧ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ସେହିଭଳି ମହାରାଷ୍ଟ୍ରର ୨୮୮ଟି ବିଧାନସଭା ନିର୍ବାଚନ ଲାଗି ମୋଟ୍ ୪ ହଜାର ୧୩୬ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଥିଲେ । ଗତକାଲି ଅପରାହ୍ନ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ, ୫୮ ପ୍ରତିଶତରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ । ନାନ୍ଦେଡ଼

ଲୋକସଭା ଉପ ନିର୍ବାଚନରେ ୫୩ ଦଶମିକ ୭/୮ ପ୍ରତିଶତ ମତଦାତା ମତ ଦେଇଥିଲେ। ଆସନ୍ତା ୨୩ ତାରିଖରେ ଭୋଟ୍‌ଗଣତି ସହ ଫଳାଫଳ ଘୋଷଣା କରାଯିବ।

## ୟୁକ୍ରେନ-ରୁଷିଆ-ୟୁଏସ୍

ୟୁକ୍ରେନ୍ କିଭ୍‌ସ୍ଥିତ ଦୂତାବାସକୁ ବନ୍ଦ କରିବା ପାଇଁ ଆମେରିକା ନିଷ୍ପତ୍ତି ନେଇଛନ୍ତି। ସମ୍ଭାବ୍ୟ ବିମାନ ଆକ୍ରମଣକୁ ଦୃଷ୍ଟିରେ ରଖି ଆମେରିକା ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ସେହିଭଳି ଗ୍ରୀକ୍ ଏବଂ ସ୍ପେନ୍ ପକ୍ଷରୁ ମଧ୍ୟ କିଭ୍‌ସ୍ଥିତ ଦୂତାବାସକୁ ବନ୍ଦ କରି ଦିଆଯାଇଛି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗତକାଲି ନୂତନ ପରମାଣୁ ନୀତିକୁ ଅନୁମୋଦନ କରିଛନ୍ତି।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍’ଙ୍କ ଅନୁମୋଦନକ୍ରମେ ୟୁକ୍ରେନ୍ ପକ୍ଷରୁ ରୁଷ୍‌ରେ ଆମେରିକା ନିର୍ମିତ ଦୂରଗାମୀ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲେ। ଏପରିକି ଆମେରିକା ପ୍ରଥମଥର ପାଇଁ ୟୁକ୍ରେନ୍‌କୁ ଲ୍ୟାଣ୍ଡମାଇନ୍ ପଠାଇବାକୁ ମଞ୍ଜୁରୀ ପ୍ରଦାନ କରିଛି। ଏହାର ପ୍ରଭାବ ସୁଦୂର ପ୍ରସାରୀ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଆମେରିକାର ଏଭଳି

ପଦକ୍ଷେପକୁ ଦୃଷ୍ଟିରେ ରଖି ରୁଷ୍ ତାର ପରିବର୍ତ୍ତିତ ପରମାଣୁ ନୀତି ଲାଗୁ କରିଛି। ଇତିମଧ୍ୟରେ ୟୁକ୍ରେନ୍ ରୁଷିଆର ସାମରିକ ଅସ୍ତ୍ରଶସ୍ତ୍ରସ୍ଥଳୀକୁ ଲକ୍ଷ୍ୟ କରି କ୍ଷେପଣାସ୍ତ୍ର ମାଡ଼ କରିଛି। ପ୍ରଥମଥର ପାଇଁ ୟୁକ୍ରେନ୍ ପକ୍ଷରୁ ଏଭଳି ସୀମାପାର ଆକ୍ରମଣ ହୋଇଥିବା ଜଣାପଡ଼ିଛି।

## ଇଣ୍ଡୋନେସିଆ ଲ୍ୟାଣ୍ଡସଲାଇଡ

ଇଣ୍ଡୋନେସିଆର କେନ୍ଦ୍ରୀୟ ଜାଭା ପ୍ରଦେଶରେ ଭୂ-ସ୍ଖଳନ ହେବାରୁ ଗୋଟିଏ ପରିବାରର ୪ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି । ପ୍ରାଥମିକ ରିପୋର୍ଟ ଅନୁଯାୟୀ ମଙ୍ଗଳବାର ଅପରାହ୍ଣରେ ପ୍ରବଳ ବର୍ଷା ଯୋଗୁଁ ବୁନୋ ଗ୍ରାମରେ ଭୂ-ସ୍ଖଳନ ଘଟି ଗୋଟିଏ ଘର ଦବି ଯାଇଥିଲା । ସେଠାକାର ଉଦ୍ଧାରକାରୀ ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ସଂଧ୍ୟାରେ ୩ଜଣ ଏବଂ ଗତକାଲି ସକାଳେ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି ।

ଇଣ୍ଡୋନେସିଆରେ ବର୍ଷା ଋତୁରେ ଏହିଭଳି ପରିସ୍ଥିତି ବାରମ୍ବାର ସୃଷ୍ଟି ହୋଇଥାଏ । ସେଠାକାର ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ସୂଚନା ଅନୁଯାୟୀ ଚଳିତବର୍ଷ ନଭେମ୍ବର ସୁଦ୍ଧା ୧ହଜାର ୭୦୦ରୁ ଅଧିକ

ବିପର୍ଯ୍ୟୟ ଘଟିଛି ଏବଂ ସେହି ସମୟ ମଧ୍ୟରେ ୧ହଜାରରୁ ଅଧିକ ଘର ଭୂ-ସ୍ଖଳନ ଜନିତ ଘଟଣାରେ ଅନେକ ଲୋକଙ୍କ ପ୍ରାଣହାନି ହୋଇଛି ।